Largest Circulated Odia Daily
SAMBAD
ସମ୍ବାଦ
ସର୍ବାଧିକ ପ୍ରସାରିତ ଓଡ଼ିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT www.kiit.org

| ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର |
|---|---|---|---|---|---|---|---|---|

# ଅମିତାଭ ବଚ୍ଚନ ହାସପାତାଳରେ ଭର୍ତ୍ତି, ତାମିଲନାଡୁକୁ ୫୦୦ କୋଟି ବନ୍ୟା ସାହାଯ୍ୟ ଦେଲେ ପ୍ରଧାନମନ୍ତ୍ରୀ

ତାରିଖ : ୧୧/୨୮/୨୦୦୫



ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୪.୯ | ୨୯.୬ |
| କଟକ | ୧୪.୨ | ୩୦.୬ |
| ବାଲେଶ୍ୱର | ୧୩.୯ | ୨୮.୬ |
| ଗୋପାଳପୁର | ୧୬.୯ | ୨୯.୮ |
| ଝାରସୁଗୁଡ଼ା | ୧୩.୨ | ୩୦.୨ |

ବିତର୍କ/ମତାମତ ସଂଗ୍ରହ

ଓଡ଼ିଶାର ବିକାଶ ପାଇଁ ଶିଳ୍ପ ଅପେକ୍ଷା କୃଷିକୁ ଅଧିକ ଗୁରୁତ୍ୱ ଦ ଆଯିବା ଉଚିତ କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- କେନ୍ଦ୍ରର ଜବାବ: ଭୁବନେଶ୍ୱରରେ ବିଜ୍ଞାନ ପ୍ରତିଷ୍ଠାନ ହେବାର ନ ଥିଲା

କଟକ,(ଇମିସ): 'ଭୁବନେଶ୍ୱରଠାରେ କୌଣସି ପ୍ରକାର ବିଜ୍ଞାନ ପ୍ରତିଷ୍ଠାନ କେବେ ଖୋଲିବାର ପ୍ରସ୍ତାବ ହିଁ ନ ଥିଲା। ତେଣୁ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଭୁବନେଶ୍ୱରରୁ କଲିକତାକୁ ସ୍ଥାନାନ୍ତର କରାଯିବା ପରି ଅଯୌକ୍ତିକ ପ୍ରଶ୍ନ ଉଠୁଛି କେଉଁଠୁ' ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଶ୍ନ କରାଯାଇଛି।

ଭୁବନେଶ୍ୱରଠାରେ ପ୍ରସ୍ତାବିତ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ (ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ) କଲିକତାକୁ ସ୍ଥାନାନ୍ତର ହେବା ସଂକ୍ରାନ୍ତରେ ଆଗତ ରିଟ୍ ପିଟିସନ୍‌ଟିର ଶୁଣାଣି କରି ଓଡ଼ିଶା ହାଇର୍କୋଟ ଏ ବାବଦରେ କେନ୍ଦ୍ର ସରକାରଙ୍କୁ ଜବାବ ତଲବ କରିଥିବାବେଳେ ଗତ ୨୫ ତାରିଖରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଇର୍କୋଟରେ ଏହି ମର୍ମରେ ଜବାବ ଦାଖଲ କରାଯିବା ସହ ଉପରୋକ୍ତ ପ୍ରଶ୍ନ କରାଯାଇଛି। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ବୈଷୟିକ ବିଭାଗର ଅନୁସଚିବ ପ୍ରେମ କୁମାରଙ୍କ ପକ୍ଷରୁ ଦ ।ଖଲ ହୋଇଥିବା ଜବାବରେ ଦର୍ଶାଯାଇଛି ଯେ, ' ଭୁବନେଶ୍ୱରଠାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବା ଏବଂ ପରବର୍ତ୍ତୀ କାଳରେ ରାଜନୈତିକ ଚାପରେ ଉକ୍ତ ନିଷ୍ପତ୍ତି ପରିବର୍ତ୍ତିତ ହୋଇଥିବା ଅଭିଯୋଗଟି ସଂପୂର୍ଣ୍ଣ ମନଗଢା। ଆବେଦନକାରୀ ନିଜ ପିଟିସନରେ ବାଙ୍ଗାଲୋରସ୍ଥିତ ଆଇଆଇଏସ୍ ତାଞ୍ଚାରେ ଭୁବନେଶ୍ୱର, ପୁନେ, ଆହ୍ଲାବାଦ ଓ ଚେନ୍ନାଇଠାରେ ୪ଟି ସ୍ଥାନରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା କରିବାକୁ ପୂର୍ବରୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ନିଷ୍ପତ୍ତି ନେଇଥିବା ବିଷୟରେ ଯାହା ଦର୍ଶାଇଛନ୍ତି ତାହା ଭୁଲ୍। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏପରି କୌଣସି ନିଷ୍ପତ୍ତି କେଉଁଦିନ ନିଆଯାଇ ନ ଥିଲା କି' ରାଜ୍ୟ ସରକାରଙ୍କୁ ଏଥିନେଇ କିଛି ବି କୁହାଯାଇ ନାହିଁ। ପ୍ରତିଷ୍ଠାନ ପାଇଁ ୭୫ ଏକର ଜମି ଅଧିଗ୍ରହଣ ବାବଦରେ ରାଜ୍ୟ ସରକାରଙ୍କର କୌଣସି ପ୍ରସ୍ତାବ ସୁଦ୍ଧା କେନ୍ଦ୍ରର ହସ୍ତଗତ ହୋଇନାହିଁ। କେବଳ ଆଂଚଳିକ ବୈଷମ୍ୟ ସୃଷ୍ଟି ଉଦ୍ଦେଶ୍ୟରେ, ରାଜନୈତିକ ସ୍ୱାର୍ଥପୂରଣ ଉଦ୍ଦେଶ୍ୟରେ ଏପରି ଅଭିଯୋଗ ଉଠିଛି। ପ୍ରକୃତପକ୍ଷେ ବିଜ୍ଞାନ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉଚ୍ଚତର ଅନୁଷ୍ଠାନ ପ୍ରତିଷ୍ଠା କରିବାକୁ ପ୍ରଧାନମନ୍ତ୍ରୀଙ୍କ ବିଜ୍ଞାନ ପରାମର୍ଶଦାତା ପରିଷଦ ସୁପାରିଶ କରିଥିଲା। ପ୍ରଫେସର ସି.ଏନ୍.ଏନ୍. ରାଓ ଓ ପରିଷଦର ଅନ୍ୟ ସଦସ୍ୟମାନେ ଗତ ମାର୍ଚ୍ଚ ମାସ ୪ ତାରିଖରେ ଅନୁଷ୍ଠିତ ଏକ ବୈଠକରେ ଏହି ମର୍ମରେ ପ୍ରସ୍ତାବ ଗ୍ରହଣ କରି କେନ୍ଦ୍ରକୁ ସୁପାରିଶ କରିବା ପରେ ପୁନେ ଏବଂ କଲିକ



**ରାଧା ଓ ରାଧା...। ୟୁପି କ୍ୟାଡ଼ର ଆଇପିଏସ୍ ଅଫିସର ଦେବେନ୍ଦ୍ର କିଶୋର ପଣ୍ଡାଙ୍କୁ ରାଧାରୂପରେ ଟିଭି ପରଦାରେ ଦେଖୁଥିବା ଓଡ଼ିଆଭାଇ ସ୍ୱଚକ୍ଷୁରେ ଦେଖିବା ପାଇଁ ପୁରୀ ସିଂହଦ୍ୱାରରେ ଭିଡ଼ ଲଗାଇଛନ୍ତି। 'ଶ୍ରୀରାଧା' ପଣ୍ଡାଙ୍କ କହିବାନୁସାରେ ତାଙ୍କ ସହ ଅଛନ୍ତି ତାଙ୍କର ଜଣେ ଶିଷ୍ୟା। ରାଧାଙ୍କ ସଖୀ ଥିଲେ କିନ୍ତୁ ଶିଷ୍ୟା ଥିଲେ କି?ଆହୁରି ମଧ୍ୟ ପଣ୍ଡାଙ୍କ ନାମିତ ଚନ୍ଦ୍ରାବଳୀ ତ ଥିଲେ ରାଧାଙ୍କ ପ୍ରତିଦ୍ୱନ୍ଦ୍ୱୀ..ନୁହେଁ କି?**

ଅନ୍ୟାନ୍ୟ ଖବର

ତାଠାରେ ଦୁଇଟି ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପରିଷଦ (ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଏଡୁକେସନ୍ ଆଣ୍ଡ ରିସର୍ଚ୍ଚ ବା ଆଇଆଇଏସ୍ଇଆର୍) ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଯୋଜନା କମିସନ ଓ ଅର୍ଥ କମିଟି ପରି ବିଭିନ୍ନ ଅରଗଳି ପାର କରିବା ପରେ ଗତ ନଭେମ୍ବର ମାସରେ ହିଁ ଏହି ପ୍ରକଳ୍ପ ବିଧିବଦ୍ଧ ଭାବେ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ପାଇଲା। କେନ୍ଦ୍ରୀୟ ଅନୁଦାନରେ ପରିଚାଳିତ ଏହି ପ୍ରକଳ୍ପ ଆଞ୍ଚଳିକ ବିଜ୍ଞାନ ଗବେଷଣାଗାର ଡାଞ୍ଚାର ନୁହେଁ କିମ୍ବା ଆଞ୍ଚଳିକ ପ୍ରତିନିଧିତ୍ୱ ପରି କିଛି ସର୍ତ୍ତ ଏ ପ୍ରସଙ୍ଗରେ ଉଠୁ ନାହିଁ। ବୈଜ୍ଞାନିକମାନଙ୍କ ମତାମତକୁ ଭିତ୍ତି କରି ହିଁ ପ୍ରକଳ୍ପ ଦଇଟିର ଯୋଜନା ପ୍ରସ୍ତୁତ କରାଯାଇଛି। ଏଣୁ, ପ୍ରକଳ୍ପର ସ୍ଥାନ ନିର୍ଦ୍ଧାରଣ ନିଷ୍ପତ୍ତିରେ ଅଦାଲତ ହସ୍ତକ୍ଷେପ କରିବା ଉଚିତ ନୁହେଁ। ଅପରପକ୍ଷରେ ବିଶ୍ୱବିଦ୍ୟାଳୟ ମଂଜୁରୀ ଆୟୋଗ (ୟୁଜିସି) ୨୦୦୨ ମସିହାରେ ବିଜ୍ଞାନ ଓ ବୈଷୟିକ ଶିକ୍ଷା ପ୍ରତିଷ୍ଠାନକୁ ସ୍ୱୟଂଶାସିତ କରିବାକୁ ଯେଉଁ ପ୍ରସ୍ତାବ ଦେଇଥିଲା ତାହା ଆଇନ ଅନୁସାରେ ୟୁଜିସିର କ୍ଷମତା ବହିର୍ଭୁର୍ତ୍ତ ହୋଇ ନ ଥିବାରୁ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଦ୍ୱାରା ଅଗ୍ରାହ୍ୟ ହୋଇଯାଇଛି। ସୁତରାଂ, ଭୁବନେଶ୍ୱରଠାରେ ବିଲକୁଲ ପ୍ରତିଷ୍ଠାନ ହେବାର ନ ଥିଲାବେଳେ ଏବଂ କଲିକତାସ୍ଥିତ ପ୍ରତିଷ୍ଠାନ ଗତ ନଭେମ୍ବରରେ ହିଁ କ୍ୟାବିନେଟର ଅନୁମୋଦନ ଲାଭ କରିଥିବାବେଳେ ଭୁଲ୍ ତଥ୍ୟକୁ ଭିତ୍ତି କରି ଆଗୁଆ ଅଗଷ୍ଟ ମାସରୁ ଏପରି ମିଥ୍ୟା ମୋକଦ୍ଦମା ରୁଜୁ କରାଯାଇଛି ବୋଲି ଜବାବରେ ଦର୍ଶାଯାଇଛି।

ପ୍ରତିଷ୍ଠାନ ସ୍ଥାନାନ୍ତର ପ୍ରସଙ୍ଗକୁ କେନ୍ଦ୍ର କରି ରାଜପଥରୁ ରାଜଧାନୀଯାଏ ସଂପ୍ରତି ଜୋରଦାର ଆନ୍ଦୋଳନ ଜାରି ରହିଥିବାବେଳେ କେନ୍ଦ୍ର ସରକାରଙ୍କ ଏପରି ଜବାବ ସମଗ୍ର ଘଟଣାକୁ ଭିନ୍ନ ମୋଡ଼ ଦେଇଛି। ଅନ୍ୟପକ୍ଷରେ ବିଭାଗୀୟ ଅନୁସଚିବଙ୍କ ପ୍ରଦତ୍ତ ଜବାବ ଭୁଲ୍ ତଥ୍ୟ ଉପରେ ପର୍ଯ୍ୟବେସିତ ଏବଂ କେନ୍ଦ୍ର ସରକାର ଜାଣିଶୁଣି ଏହି ପ୍ରସଙ୍ଗକୁ ଗୋଳମାଳିଆ କରିବାକୁ ଚାହୁଁଛନ୍ତି ବୋଲି ମୂଳ ମାମଲାର ଆବେଦନକାରୀ ପ୍ରଶାନ୍ତ କୁମାର ଦାସ ଏବଂ ତାଙ୍କ ପକ୍ଷରୁ ମୋକଦ୍ଦମା ପରିଚାଳନା କରୁଥିବା ଆଇନଜୀବୀ ମଧୁସୂଦନ ପଣ୍ଡା 'ସମ୍ବାଦ' ସମ୍ମୁଖରେ ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ଏଥିନେଇ ଅଦାଲତି କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଉଭୟେ କହିଛନ୍ତି।

ଉଲ୍ଲେଖନୀୟ ଏହି କି' ପ୍ରସ୍ତାବିତ ଏହି ମର୍ଯ୍ୟାଦାସଂପନ୍ନ ଅନୁଷ୍ଠାନକୁ ଭୁବନେଶ୍ୱରରୁ କଲିକତାକୁ ସ୍ଥାନାନ୍ତର କରିନେବାକୁ କେନ୍ଦ୍ର ସରକାର ମନମୁଖି ନିଷ୍ପତ୍ତି ନେଇଥିବା ଦର୍ଶାଇ ରାଜ୍ୟ ଜନସ୍ୱାର୍ଥ ସୁରକ୍ଷା ପରିଷଦର ସଭାପତି ପ୍ରଶାନ୍ତ କୁମାର ଦାସ ଏକ ରିଟ୍ ପିଟିସନ୍ ଜରିଆରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆସନ୍ତାବର୍ଷ ପ୍ରଥମାର୍ଦ୍ଧରେ ପଶ୍ଚିମବଙ୍ଗରେ ହେବାକୁଥିବା ସାଧାରଣ ନିର୍ବାଚନକୁ ଆଖିରେ ରଖି ବାମପନ୍ଥୀ ଦଳଙ୍କ ଚାପରେ କେନ୍ଦ୍ରର ଉପା ସରକାର ପ୍ରତିଷ୍ଠାନକୁ କଲିକତାକୁ ଉଠାଇନେବାକୁ ଚକ୍ରାନ୍ତ କରୁଛନ୍ତିବୋଲି ଆବେଦନକାରୀ ଦର୍ଶାଇଥିଲେ। ପ୍ରାରମ୍ଭିକ ଭାବେ ୨୫ କୋଟି ଟଙ୍କାର ବ୍ୟୟ ଅଟକଳରେ ନିର୍ମିତ ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ଆହୁରି ୭୫ କୋଟି ଟଙ୍କାର ବ୍ୟୟବରାଦ ଥିବା ଏହି 'ପ୍ରାଇଜ୍-ପ୍ରକଳ୍ପ'ଟି ଓଡ଼ିଶାରୁ ସ୍ଥାନାନ୍ତର ହେବା ରାଜ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି ଦର୍ଶାଯାଇ ଓଡ଼ିଶା ପ୍ରତି କେନ୍ଦ୍ର

- କେନ୍ଦ୍ରାପଡ଼ା ବ୍ଲକ୍ ଦାୟିତ୍ୱ ବଣ୍ଟନରେ ବି ଫିଙ୍କ୍ସିଂ
- ଅଗ୍ନିକାଣ୍ଡ: ୮ ବଖରା ଜଳିଗଲା, ୩ ଗାଈ ମୃତ
- କାଳିନ୍ଦୀ ଇସ୍ତଫା ଦେଲେ, କିନ୍ତୁ କାଉନସିଲର୍ ମାନିଲେ ନାହିଁ
- ଅଗ୍ନିକାଣ୍ଡରେ ୮ଟି ଦୋକାନ ଭସ୍ମିଭୂତ
- ଇନ୍ଦିରା ଗାନ୍ଧୀ ଫାର୍ମାସିଉଟିକାଲ କଲେଜରେ ଫାର୍ମାସି ସପ୍ତାହ
- 'କଂଗ୍ରେସରେ ସକ୍ରିୟ କିଏ, ନିଷ୍କ୍ରିୟ କିଏ ପିସିସି ସଭାପତି ତା'ର ତାଲିକା ଦିଅନ୍ତୁ'
- ସେଲ ଭ୍ୱାନ୍ ପ୍ଲାନ୍-୧୦୦ର ସମୟ ସୀମା ବୃଦ୍ଧି
- ଆଇଟିଇଆରରେ ଜାତୀୟ ଫାର୍ମାସି ସପ୍ତାହ
- ଅଭିରାମ ପରମହଂସ ଦେବଙ୍କ ବିଂଶୋତ୍ତମ ବାର୍ଷିକୋତ୍ସବ ୧୦ରେ
- ମଧ୍ୟାହ୍ନ ଭୋଜନରେ ଅଣ୍ଡା ଟେଣ୍ଡର ବିବାଦ
- ଧର୍ମ ପରାୟଣା ମହିଳାଙ୍କ ପରଲୋକ

ସରକାରଙ୍କ ଏପରି ପ୍ରତାରଣା ଓ ବୈମାତୃକ ମନୋଭାବ
ବିରୋଧରେ ହାଇର୍କୋଟଙ୍କ ହସ୍ତକ୍ଷେପ ଲୋଡ଼ାଯାଇଥିଲା।
ମାନ୍ୟବର ହାଇର୍କୋଟ ଗତ ମାସରେ ମାମଲାଟିର ଶୁଣାଣି
କରି ପୂର୍ବବର୍ତ୍ତୀ ଏନ୍‌ଡିଏ ସରକାରଙ୍କ ନିଷ୍ପତ୍ତି ଓ ଏବର
ଉପା ସରକାରଙ୍କ ପରିବର୍ତ୍ତିତ ନିଷ୍ପତ୍ତି ଅଦାଲତରେ
ଉପସ୍ଥାପନ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ
ନିର୍ଦ୍ଦେଶ ଜାରି କରିଥିଲେ। ନିର୍ଦ୍ଦେଶାନୁସାରେ ରାଜ୍ୟ
ସରକାରଙ୍କ ପକ୍ଷରୁ ଗତ ୩ ତାରିଖରେ ଅଦାଲତରେ
ଜବାବ ଦାଖଲ କରାଯାଇ ବିଶ୍ୱବିଦ୍ୟାଳୟ ମଂଜୁରୀ
ଆୟୋଗ (ୟୁଜିସି) ବିଧିବଦ୍ଧ ଭାବେ ଅନୁମତି ଦେବା ପରେ
ସରକାର ଏ ଦିଗରେ ଆଗେଇଛନ୍ତି ବୋଲି କୁହାଯାଇଥିଲା।
ୟୁଜିସିଠାରୁ ଅନୁମତି ମିଳିବା ପରେ ଭୁବନେଶ୍ୱରଠାରେ
ପୂର୍ବାଞ୍ଚଳର ଏହି ମର୍ଯ୍ୟାଦାସଂପନ୍ନ ପ୍ରକଳ୍ପ ନିର୍ମାଣ ପାଇଁ
ରାଜ୍ୟ ସରକାର ୭୫ ଏକର ପରିମିତ ଜମି ଚିହ୍ନଟ
କରିଥିବା ଏବଂ ଜମି ଦଖଲ ପାଇଁ ସମ୍ମତି ପ୍ରକାଶ
କରିସାରିଥିବା କଥା ମଧ୍ୟ ଅଦାଲତରେ ଦର୍ଶାଯାଇଥିଲା।
ଏବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପରସ୍ପରବିରୋଧୀ
ବକ୍ତବ୍ୟ ମାମଲାଟିକୁ ନୂଆ ମୋଡ଼ ଦେଇଛି।

ରହିତାଦେଶ ଉଠାଇବାକୁ କେନ୍ଦ୍ର ସରକାରଙ୍କ ପିଟିସନ୍

କଟକ: ଭୁବନେଶ୍ୱରଠାରେ ପ୍ରସ୍ତାବିତ ଜାତୀୟ ବିଜ୍ଞାନ ପ୍ର
ତିଷ୍ଠାନ (ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ)ର
ସ୍ଥାନାନ୍ତର ଉପରେ ଓଡ଼ିଶା ହାଇର୍କୋଟ ଜାରି କରିଥିବା
ମଧ୍ୟବର୍ତ୍ତୀକାଳୀନ ରହିତାଦେଶକୁ ଉଠାଇବା ସକାଶେ
କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଇର୍କୋଟରେ ମିସ୍ଥିଟିସନ୍ ଦ
ାୟର କରାଯାଇଛି। ଗତ ୮ ତାରିଖରେ ହାଇର୍କୋଟର
ମାନ୍ୟବର ମୁଖ୍ୟ ବିଚାରପତି ଏସ୍. ବର୍ମନରାୟ ଓ
ମାନ୍ୟବର ବିଚାରପତି ଏମ୍.ଏମ୍. ଦାସଙ୍କୁ ନେଇ ଗଠି
ତ ଖଣ୍ଡପୀଠ ଏ ସଂପର୍କିତ ଏକ ଜନସ୍ୱାର୍ଥ ମାମଲାର
ଶୁଣାଣି କରି ପ୍ରସ୍ତାବିତ ପ୍ରତିଷ୍ଠାନ ଭୁବନେଶ୍ୱରରୁ ଅନ୍ୟତ୍ର
ପୂର୍ବାଞ୍ଚଳର କୌଣସି ସ୍ଥାନକୁ ଉଠିଯାଇ ପାରିବ ନାହିଁ
ବୋଲି ମଧ୍ୟବର୍ତ୍ତୀକାଳୀନ ରହିତାଦେଶ ଜାରି କରିବା ସହ
କେନ୍ଦ୍ର ସରକାରଙ୍କୁ ଜବାବ ତଲବ କରିଥିଲେ। କେନ୍ଦ୍ର
ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ବିଭାଗୀୟ
ଅନୁସଚିବ ପ୍ରେମ କୁମାର ଏ ସଂପର୍କରେ ହାଇର୍କୋଟରେ ଗ
ତ ୨୫ ତାରିଖରେ ସତ୍ୟପାଠ ସମ୍ବଳିତ ଜବାବ ଦାଖଲ
କରିଥିବାବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରହିତାଦେଶକୁ
ଉଠାଇବା ନିମନ୍ତେ ଏବଂ କଲିକତାଠାରେ
ଆଇଆଇଏସ୍ଇଆର୍ ପ୍ରତିଷ୍ଠାନ ପ୍ରତିଷ୍ଠା କାର୍ଯ୍ୟ ତ୍ୱରାନ୍ୱି
ତ କରିବା ଦିଗରେ ଅଦାଲତଙ୍କ ଅନୁମତି ପାଇବା ନିମନ୍ତେ
ପୃଥକ୍ ପୃଥକ୍ ଦୁଇଟି ମିସ୍ଥିଟିସନ୍ ଦାୟର କରାଯାଇଛି।

ପୂର୍ବପୃଷ୍ଠା

Copyright © 2001 orissasambad.com

Site Developed by : www.wayindia.com